# Akashvani, Sambalpur

## SAMBALPURI NEWS EVENING BULLETIN

## 13 March 2026-7.02- 7.12 pm.

---

୧- ପିଏମ୍ କିଶାନ୍ ସମ୍ମାନ ନିଧି ଯୋଜ୍‌ନାଥି ଦେଶର୍ ୯ କୋଟି ୩୨ ଲାଖ୍ ଚାଷୀଙ୍କୁ ୧୮ ହଜାର ୬ ଶହ ୪୦ କୋଟି ଟଙ୍କାର୍ ସାହାଜ୍ ବାଂଟଲେ ପ୍ରଧାନ୍‌ମନ୍ତ୍ରୀ ।

- ଓଡ଼ିଶାର୍ ୩୪ ଲାଖ୍ ନୁ ଅଏତ୍‌କା ଚାଷୀ ପାଏଲେ ୬ ଶହ ୮୪ କୋଟି ଟଙ୍କା ।

୨- ରନ୍ଧା ଗେସ୍‌ର ବଂଟନ୍ ଲାଗି ପେଟ୍ରୋଲିୟମ୍ ମନ୍ତ୍ରଣାଳୟ ସଚିବଙ୍କ ଆଉ ସବୁ ରାଜ୍ୟର୍ ଖାଦ୍ୟ ଯୋଗାଣ ବିଭାଗ୍‌ର ପ୍ରମୁଖ ଶାସନ୍ ସଚିବ ମାନ୍‌କର୍ ସଙ୍ଗେ ହେଲା ବୈଠକ୍ ।

୩- ବିଧାନ୍‌ସଭା ନ ଆଏଜ୍ ଶିଳ୍ପ ବିଭାଗ୍‌ର ଖର୍ଚ୍ଚା ଦାବି ଉପ୍‌ରେ ହେଲା ଆଲୋଚନା ।

ଆଉର୍

୪- ନୀଳଅର୍ଥନୀତି କ୍ଷେତ୍ରରେ ସହଭାଗିତା ଆଉ ସ୍ଥାୟୀ ଅଭିବୃଦ୍ଧି ଲାଗି ଭୁବନେଶ୍ୱର୍ ନ ମୁଲ୍ ହେଲା ନୀଳ ଅର୍ଥନୀତି ବିଶ୍ୱ ସମ୍ମିଲନୀ ୨୦୨୬ ।

ପିଏମ୍ କିଶାନ୍ ସମ୍ମାନ ନିଧି କିସ୍ତି          ଏନ୍ଏସ୍ଡି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏଜ୍ ଆସାମ୍ର ଗୁଆହାଟି ନ ପି.ଏମ୍ କିଶାନ୍ ସମ୍ମାନ୍ନିଧି ଯୋଜ୍ନାର୍ ୨୨ ନମ୍ବର୍ କିସ୍ତି ସାହାଜ୍ ଟଙ୍କା ହିତାଧିକାରୀମାନଙ୍କୁ ବାଂଟିଛନ୍ । ଇ ଖେପ୍ଥି ଦେଶର୍ ୯ କୋଟି ୩୨ ଲାଖ୍ ଚାଷୀଙ୍କୁ ଡିବିଟି ଜରିଏ ମୋଟ୍ ୧୮ ହଜାର ୬ ଶହ ୪୦ କୋଟି  ଟଙ୍କା ସାହାଜ୍ ଦିଆଯାଇଛେ । ଚାଷୀମାନ୍କୁ ସାହାଜ୍ ଟଙ୍କା ବାଂଟିକରି ପ୍ରଧାନ୍ମନ୍ତ୍ରୀ ଇ ଅବ୍ସରେ ଶୁଭେଚ୍ଛା ଜନେଇଛନ୍ । ସୂଚ୍ନା ଅନ୍ସାରେ ଯୋଜ୍ନାଥି ଏବ୍ତକ୍ ୪ ଲାଖ୍ ୯ ହଜାର କୋଟି ନୁ ଅଏତ୍କା ଟଙ୍କା ଚାଷୀମାନ୍ଙ୍କୁ ବଂଟାଯାଇଛେ ।
ଇ ଅବ୍ସରେ ରାଜ୍ୟ କୃଷି ଆଉ କୃଷକ ସଶକ୍ତିକରଣ୍ ବିଭାଗ୍ ତର୍ଫୁ ଭୁବ୍ନେଶ୍ୱର୍ ଓୟୁଏଟି ପରିସର୍ ନ ରାଜ୍ୟସ୍ତରୀୟ ପି.ଏମ୍. କିଷାନ୍ ଉତ୍ସବ୍ ଦିବସ୍ର ଆୟୋଜନ୍ କରାଯାଇଛେ ।

କାର୍ଯ୍ୟକ୍ରମ୍‌ଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ, ଉପମୁଖ୍ୟମନ୍ତ୍ରୀ ଆଉ କୃଷିମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଯୋଗ୍‌ଦେଇଥିଲେ । ପି.ଏମ୍. କିଷାନ୍ ସମ୍ମାନ୍‌ନିଧି ଯୋଜ୍‌ନାର୍ ଇ କିସ୍ତିଥି ଓଡ଼ିଶାର୍ ୩୪ ଲାଖ୍ ନୁ ଅଏତ୍‌କା ଚାଷୀ ୬ ଶହ ୮୪ କୋଟି ଟଙ୍କା ସାହାଜ୍ ପାଇଛନ୍ ।

ରନ୍ଧା ଗେସ୍- ମନ୍ତ୍ରଣାଳୟ ବୈଠକ୍ ଆଇ.ଆଣ୍ଡ୍.ପି.ଆର୍

ବର୍ତମାନ୍ ସମିଆଥି ଜରୁରୀକାଲୀନ୍ ପରିସ୍ଥିତି ଲାଗି ଅଗ୍ରାଧିକାର୍ ଭିତିଥି ରନ୍ଧା ଗେସ୍ ଯୁଗେଇ ଦିଆଯିବା ବଲି କେନ୍ଦ୍ର ପେଟ୍ରୋଲିୟମ୍ ଆଉ ପ୍ରାକୃତିକ ଗେସ୍ ମନ୍ତ୍ରଣାଳୟ ତର୍‌ଫୁ ନିର୍ଦ୍ଦେଶ୍ ଦିଆଯାଇଛେ । ଦେଶେ ରନ୍ଧା ଗେସ୍‌ର ଉପଲବ୍ଧତା ଆଉ ଠିକ୍ ଭାବେ ବଂଟନ୍ ଲାଗି ମନ୍ତ୍ରଣାଳୟ ସଚିବଙ୍କର୍ ଅଧ୍ୟକ୍ଷତାଥି ସବୁ ରାଜ୍ୟର୍ ଖାଦ୍ୟ ଯୋଗାଣ ଆଉ ଖାଉଟି କଲ୍ୟାଣ୍ ବିଭାଗ୍‌ର ପ୍ରମୁଖ ଶାସନ୍ ସଚିବ ମାନ୍‌କର୍ ବୈଠକ୍‌ଥି ଇ ବାବ୍‌ଦେ ନିଷ୍ପତି ନିଆଯାଇଛେ । ବୈଠକ୍‌ର ସୂଚ୍‌ନା ଅନ୍‌ସାରେ ଓଟିପି ଜରିଏ ଗେସ୍ ବୁକିଂ ଆଉ ଯୋଗାଣ ଉପ୍‌ରେ ଜୋର୍ ଦିଆଯାଇଛେ । ଗାଁ ଇଲାକା ନ ଗେସ୍ ବଂଟନ୍

ସମିଆକେ ୪୫ ଦିନ୍ ବଢ଼ାଯାଇଛେ । ବୈଠକ୍ଥି ଓଡ଼ିଶା ଖାଉଟି କଲ୍ୟାଣ୍ ବିଭାଗ୍ର ପ୍ରମୁଖ ସଚିବ ସଞ୍ଜୟ କୁମାର୍ ସିଂ ଆଉ ବରିଷ୍ଠ ଅଧିକାରୀମାନେ ଆଭାସୀ ଜରିଏ ଯୋଗ୍ ଦେଇକରି ଗେସ୍ ଆଉ ଇନ୍ଧନ୍ ବଂଟନ୍ ବାବ୍ଦେ ଆଲୋଚନା କରିଛନ୍ । ଗେସ୍ ବିତରଣ ବ୍ୟବସ୍ଥାକେ ସବୁ ରାଜ୍ୟ ଆଉ ଜିଲ୍ଲାସ୍ତର୍ ନ ବର୍କସ୍ କରାଯାଇଛେ ବଲି ଓଡ଼ିଶାର୍ ଅଧିକାରୀମାନେ ସୂଚ୍ନା ଦେଇଛନ୍ ।

ବିଧାନ୍ସଭା-୧ ଭୁବ୍ନେଶ୍ୱର୍ ସମ୍ବାଦଦାତା

ବିଧାନ୍ସଭା ବଜେଟ୍ ଅଧିବେଶନ୍ ୨ ନମ୍ବର୍ ଖେପ୍ର ୫ ନମ୍ବର୍ ଦିନେ ଆଏଜ୍ ଗୃହ କାର୍ଯ୍ୟ ସ୍ୱାଭାବିକ୍ ଭାବେ ଚାଲିଥିଲା । ମନ୍ତ୍ରୀମାନେ ରାଜ୍ୟର୍ ସ୍ୱାର୍ଥକେ ନେଇକରି ବିଧାୟକ୍ ମାନ୍କର୍ ଭିନ୍ ଭିନ୍ ପ୍ରଶ୍ନର୍ ଉତର୍ ରଖିଥିଲେ । ଶିଳ୍ପ ଆଉ ଏମ୍ଏସ୍ଏମ୍ଇ ମନ୍ତ୍ରୀ ସମ୍ପଦ୍ ଚନ୍ଦ୍ର ସ୍ୱାଇଁ ୨୦୨୬-୨୭ ଆର୍ଥିକ୍ ବଛ୍ରେ ଶିଳ୍ପ ବିଭାଗ୍ ଲାଗି ୧ ହଜାର୍ ୫ ଶହ ୧୭ କୋଟି ୪୯ ଲାଖ୍ ୯୨ ହଜାର୍ ଟଙ୍କା ଆଉ ଏମ୍ଏସ୍ଏମ୍ଇ ବିଭାଗ୍ ଲାଗି ୭ ଶହ ୬୨ କୋଟି ୭୮ ଲାଖ୍ ୩୬ ହଜାର୍ ଟଙ୍କା ଖର୍ଚ୍ଚା

ଦାବି ଗୃହ ନ ଆଗତ୍ କରିଛନ୍ । ଖର୍ଚ୍ଚା ଦାବି ଆଗତ୍ ଉତ୍ରୁ ଇ ବାବ୍ଦେ ଗୃହ ନ ଆଲୋଚନା କରାଯାଇଥିଲା । ଆଏଜ୍ ସଖାଲ୍‌ବେଲା ପ୍ରଶ୍ନକାଳ ସମିଆଥି ୪ ଟା ପ୍ରଶ୍ନ ଉପ୍‌ରେ ଆଲୋଚନା କରାଯାଇଥିଲା । ପ୍ରଶ୍ନକାଳ ଆଉ ଶୂନ୍ୟକାଳ ଠିକ୍ ଭାବେ ଚାଲିଥିଲା ।

ବିଧାନ୍‌ସଭା-ଉଚ୍ଚଶିକ୍ଷା ବିଭାଗ୍      ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ରାଏଜେ ଖେପ୍ ଖେପ୍ କରି ସାର୍ବଜନୀନ ପାଠାଗାର୍ ଥାପ୍‌ନା ଲାଗି ସର୍‌କାର୍ ଲକ୍ଷ୍ୟ ରଖିଛନ୍ ବଲି ଓଡ଼ିଆ ଭାଷା ସାହିତ୍ୟ ଆଉ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ କହିଛନ୍ । ବିଧାନ୍‌ସଭା ନ ଇ ବାବଦ୍ ଗୁଟେ ପ୍ରଶ୍ନର୍ ଉତର୍‌ଥି ମନ୍ତ୍ରୀ ଶ୍ରୀ ସୂରଜ୍ କହିଛନ୍, ଏଛେନି ତାଙ୍କର୍ ବିଭାଗ୍ ଅଧୀନ୍‌ଥି ରାଏଜେ ୩୧ ଟା ସାର୍ବଜନୀନ ପାଠାଗାର୍ ଚାଲିଛେ । ଜିଲ୍ଲା ପାଠାଗାର୍‌ମାନ୍‌କର୍ ଲାଗି ଆର୍ଥିକ୍ ସାହାଜ୍ ଭିଲ୍ ଦିଆଯାଉଛେ ବଲି ମନ୍ତ୍ରୀ କହିଛନ୍ । ଆଉ ଗୁଟେ ପ୍ରଶ୍ନର୍ ଉତର୍‌ଥି ମନ୍ତ୍ରୀ ଶ୍ରୀ ସୂରଜ୍ କହିଛନ୍, ରାଜ୍ୟର୍ ୧୭ ଟା ସର୍‌କାରୀ ବିଶ୍ୱବିଦ୍ୟାଳୟ ଭିତ୍ରୁ ୧୪ ଟା ବିଶ୍ୱବିଦ୍ୟାଳୟନୁ ଭାରପ୍ରାପ୍ତ କୁଳପତି ଅଛନ୍ ।

ସେମାନ୍‌କର୍ ପୂର୍ଣ୍ଣକାଳୀନ ନିଯୁକ୍ତି ପ୍ରକ୍ରିୟା ଶେଷ୍ ଖେପ୍‌କେ ପୁହୁଁଚିଛେ । ଇତାର୍‌ସହେତେ ୧୭ ଟା ବିଶ୍ୱବିଦ୍ୟାଲୟ ନ ୨ ଶହ ୯୯ ପ୍ରଫେସର୍, ୫ ଶହ ୯୩ ଆସୋସିଏସନ୍ ପ୍ରଫେସର୍ ଆଉ ୧୧ ଶହ ୮୭ ଟା ଆସିଷ୍ଟାଂଟ୍ ପ୍ରଫେସର୍ ପଦ୍‌ବୀ ଖାଲି ରହିଛେ ବଲି ମନ୍ତ୍ରୀ ଶ୍ରୀ ସୂରଜ୍ କହିଛନ୍ ।

ବିଧାନ୍‌ସଭା-ଗଣଶିକ୍ଷା ମନ୍ତ୍ରୀ ହି.ସ.

ଶିକ୍ଷା କ୍ଷେତ୍ରଥି ଡିଜିଟାଲ୍ ଶ୍ରେଣୀଗୃହ ବ୍ୟବସ୍ଥା କାର୍ଯ୍ୟକାରୀ କର୍‌ବାର୍ ଲାଗି ସର୍‌କାର୍‌ଙ୍କର୍ ତର୍‌ଫୁ ନିଆଯାଇଥିବା ପଦକ୍ଷେପ୍ ବାବ୍‌ଦେ ବିଜେଡ଼ି ସଦସ୍ୟା ସୁବାସିନୀ ଜେନାଙ୍କର୍ ପ୍ରଶ୍ନର୍ ଉତର୍‌ଥି ବିଦ୍ୟାଲୟ ଆଉ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଗୃହ ନ ତଥ୍ୟ ଉପସ୍ଥାପନ୍ କରିଥିଲେ । ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍, ରାଜ୍ୟର୍ ବିଦ୍ୟାଲୟମାନ୍‌କେ ଡିଜିଟାଲ୍ କ୍ଲାସ୍‌ରୁମ୍‌ଥି ଇ-କଂଟେଂଟ୍ ଜରିଏ ଶିକ୍ଷାଦାନ୍ କରାଯାଉଛେ । ଇତାର୍‌ସହେତେ ଆଏବା ଶିକ୍ଷା ବଛର୍‌ନୁ ୩ ନୁ ୮ ଶ୍ରେଣୀତକ୍ ଛାତ୍ରଛାତ୍ରୀମାନ୍‌କୁ ଜାତୀୟ ଶିକ୍ଷାନୀତି-

୨୦୨୦ ଅଧୀନ୍‌ଥି ଶାରୀରିକ ଶିକ୍ଷା ଦିଆଯିବା ବଲି ଗଣଶିକ୍ଷା ମନ୍ତ୍ରୀ କହିଛନ୍ ।

ଆଉ ଗୁଟେ ପ୍ରଶ୍ନର୍ ଉତର୍‌ଥି ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍, ରାଏଜେ ଇହାଦେ ୧ ହଜାର୍ ୭ ଶହ ୬୩ ଟା ବିଦ୍ୟାଲୟ ଭଙ୍ଗାଦଦ୍‌ରା ଅବସ୍ଥାଥି ଅଛେ । ସମ୍ବଲ୍‌ପୁର୍ ନ ସବୁନୁ ଜହ ଶହେ ୭୫ ଟା ବିଦ୍ୟାଲୟ ଭଙ୍ଗା ଅବସ୍ଥାଥି ଥିବାର୍ ବେଲେ ସୁବର୍ଣ୍ଣପୁର୍ ଜିଲ୍ଲା ନ ଶହେ ୭, କଲାହାଣ୍ଡି ନ ଶହେ ୧ ଟା ବିଦ୍ୟାଲୟର୍ ଅବସ୍ତା ଠିକ୍ ନାଇଁନ ବଲି ଗଣଶିକ୍ଷା ମନ୍ତ୍ରୀ ଗୃହକେ ସୂଚ୍‌ନା ଦେଇଛନ୍ ।

ଅଶ୍ୱିନୀ ବୈଷ୍ଣବ୍ ଏନ୍‌ଏସ୍‌ଡି

ଓଡ଼ିଶା ନ ରେଲ୍ ଭିତିଭୂମିର୍ ବିକାଶ୍ ଲାଗି କେନ୍ଦ୍ର ସର୍‌କାର୍‌ଙ୍କର୍ ତର୍‌ଫୁ ୯୧ ହଜାର୍ କୋଟି ଟଙ୍କାର୍ ପୁଞ୍ଜିନିବେଶ୍ କରାଯାଇଛେ ବଲି ରେଲ୍ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ ଆଏଜ୍ ସଂସଦ୍ ନ ତଥ୍ୟ ରଖିଛନ୍ । କେନ୍ଦ୍ରମନ୍ତ୍ରୀ ଶ୍ରୀ ବୈଷ୍ଣବ୍ କହିଛନ୍, ରାଏଜେ ନୂଆଁ ସର୍‌କାର୍ ଆସ୍‌ବାର୍ ଦିନୁ କେନ୍ଦ୍ର ସର୍‌କାର୍‌ଙ୍କୁ ରାଜ୍ୟର୍ ବିକାଶ୍

ଦିଗେ ସବୁ ସହଯୋଗ୍ କରୁଛନ୍ । ୨୦୧୪ ନୁ ୨୦୨୫ ମସିହା ଭିତ୍ରେ ରାଏଜେ ୨ ହଜାର୍ ଶହେ ୫୦ କିଲୋମିଟର୍ ନୂଆଁ ରେଲ୍ ଲାଇନ୍ ତିଆର୍ କରାଯାଇଛେ । ଯେନ୍‌ଟାକି ୨୦୦୯ ନୁ ୧୪ ମସିହାତକ୍ ଠାନୁ ୩ ଦଶ୍ମିକ୍ ୫ ଗୁନା ଅଏତ୍କା ଆଏ । ରାଜ୍ୟ ସର୍କାର୍‌ଙ୍କର୍ ସଙ୍ଗେ ମିଶିକରି କେନ୍ଦ୍ର ସର୍କାର୍ ରାଜ୍ୟବାସୀଙ୍କର୍ ଆଶା ଆଉ ଆକାଂକ୍ଷା ପୁରା କର୍‌ବାର୍ ସହେତେ ବିକଶିତ ଓଡ଼ିଶା ଗଠନ୍ ଲାଗି ପ୍ରତିଶ୍ରୁତିବଦ୍ଧ ଆନ୍ ବଲି ମନ୍ତ୍ରୀ ଶ୍ରୀ ବୈଷ୍ଣବ୍ କହିଛନ୍ ।
(ଭଏସ୍ ଓଭର୍- ଅଶ୍ୱିନୀ ବୈଷ୍ଣବ୍)

ନୀଳ ଅର୍ଥନୀତି -ବିଶ୍ୱ ସମ୍ମିଳନୀ ଆଇ.ଆଣ୍ଡ୍.ପି.ଆର୍

ଭୁବନେଶ୍ୱର୍ ଲୋକ୍‌ସେବା ଭବନ୍ ପରିସର୍ ନ ନୀଳ ଅର୍ଥନୀତି ବାବଦ୍ ବିଶ୍ୱ ସମ୍ମିଳନୀ ୨୦୨୬ ଆଏଜ୍ ଉଦ୍‌ଘାଟିତ୍ ହେଇଯାଇଛେ । ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗ ସମ୍ମିଳନୀକେ ଉଦ୍‌ଘାଟନ୍ କରିକରି ବିକଶିତ ଓଡ଼ିଶା ୨୦୩୬ ଲକ୍ଷ୍ୟ ହାସଲ୍ ଲାଗି ଓଡ଼ିଶାର୍ ଦୂରଦୃଷ୍ଟି ଉପସ୍ଥାପନ୍ କରିଛନ୍ । ଅର୍ଥନୈତିକ୍ ଅଭିବୃଦ୍ଧି କ୍ଷେତ୍ରଥି ସାମଗ୍ରିକ୍ ସମ୍ପଦ୍‌ର ସମ୍ଭାବନା ଉପ୍‌ରେ

କହେବାର୍ ସହେତେ ଓଡ଼ିଶାର୍ ୫ ଶହ ୭୫ କିଲୋମିଟର୍ ଲମ୍ବା ବେଳାଭୂମି ନ ଅର୍ଥନୀତି, ଜନସଂଖ୍ୟା, ଭୌଗୋଳିକ ଥିତି ଆଉ ପରିସଂସ୍ଥାନ୍ ଉପ୍‌ରେ ଜୋର୍ ଦେଇଛନ୍ । ନୀଳଅର୍ଥନୀତି କ୍ଷେତ୍ରଥି ନୂଆଁ ସୃଜନ୍, ସହଭାଗିତା ଆଉ ସ୍ଥାୟୀ ଅଭିବୃଦ୍ଧି ଲାଗି ଜାତୀୟ ଆଉ ଅନ୍ତର୍ଜାତୀୟ ସ୍ତରର୍ ନେତାମାନେ ସମ୍ମିଳନୀଥି ଯୋଗ୍ ଦେଇଛନ୍ ।

ଏସ୍‌ଆଇଆର- ପ୍ରଶିକ୍ଷଣ୍ ଆଇ.ଆଣ୍ଡ୍.ପି.ଆର

ରାଏଜେ ଆଏବା ମାସୁ ଲାଗୁ ହେବାର୍‌କେ ଥିବାର୍ ଭୋଟର୍ ତାଲିକା ସ୍ୱତନ୍ତ୍ର ସଘନ ସଂଶୋଧନ - ଏସ୍‌ଆଇଆର୍ ଲାଗି ଭୁବ୍‌ନେଶ୍ୱର୍ ନ ଚାଲିଥିବା ନିର୍ବାଚନ ଅଧିକାରୀମାନ୍‌କର୍ ରାଜ୍ୟସ୍ତରୀୟ ପ୍ରଶିକ୍ଷଣ୍ କାର୍ଯ୍ୟକ୍ରମ୍ ଆଏଜ୍ ଉଦ୍‌ଯାପିତ୍ ହେଇଯାଇଛେ । ଶେଷ୍ ଦିନେ ଆଏଜ୍ ୭ ଟା ଜିଲ୍ଲାର୍ ନିର୍ବାଚନ ପଞ୍ଜିକରଣ ଅଧିକାରୀ, ଅତିରିକ୍ତ ନିର୍ବାଚନ ପଞ୍ଜିକରଣ ଅଧିକାରୀ, ନିର୍ବାଚନ ଦାୟିତ୍ୱଥି ଥିବା ଡେପୁଟୀ କଲେକ୍ଟର୍ ମାନେ ଯୋଗ୍ ଦେଇଥିଲେ । କାର୍ଯ୍ୟକ୍ରମ୍‌ଥି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍.ଏସ୍. ଗୋପାଲନ୍ ଯୋଗ୍

ଦେଇକରି ଏସ୍ଆଇଆର୍ ବାବଦ୍ ବହୁତ୍ ଗୁରୁତ୍ୱପୂର୍ଣ୍ଣ ଦିଗ୍ ଉପ୍ରେ ଆଲୋଚନା କରିଥିଲେ । ଏସ୍ଆଇଆର୍ ପ୍ରକ୍ରିୟା ବେଲ୍କେ ଝନେ ଭିଲ୍ ଯୋଗ୍ୟ ଭୋଟର୍ ଯେନ୍ତା ବାଦ୍ ନାଇଁ ପଡ଼୍ବେ ସେ ଦିଗ୍କେ ଧ୍ୟାନ୍ ଦେବାର୍କେ ଶ୍ରୀ ଗୋପାଲନ୍ ନିର୍ବାଚନ ଅଧିକାରୀମାନ୍କୁ ପରାମର୍ଶ ଦେଇଛନ୍ ।

ରନ୍ଧା ଗେସ୍ ସମସ୍ୟା-ନିୟନ୍ତ୍ରଣ କକ୍ଷ      ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍ପୁର୍ ଜିଲ୍ଲା ନ ରନ୍ଧା ଗେସ୍ ଯୋଗାଣକେ ନେଇକରି ଗ୍ରାହକ୍ମାନ୍କର୍ ଅଭିଯୋଗ୍ ଆଉ ସମସ୍ୟାର୍ ତୁର୍ତି ସମାଧାନ୍ ଲାଗି ଜିଲ୍ଲା ପ୍ରଶାସନ୍ ତର୍ଫୁ ଗୁଟେ ଜିଲ୍ଲାସ୍ତରୀୟ ନିୟନ୍ତ୍ରଣ କକ୍ଷ ଥାପ୍ନା କରାଯାଇଛେ । ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀଙ୍କର୍ କାର୍ଯ୍ୟାଳୟ ନ ଇ କକ୍ଷର୍ ବ୍ୟବସ୍ଥା କରାଯାଇକରି ଯୋଗାଣ ଅଧିକାରୀମାନ୍କୁ ଦାୟିତ୍ୱ ଦିଆଯାଇଛେ । ରନ୍ଧା ଗେସ୍କେ ନେଇକରି କିଛି ସମସ୍ୟା କି ଅଭିଯୋଗ୍ ହେଲେ ଲୁକେ ନିୟନ୍ତ୍ରଣ କକ୍ଷ ନମ୍ବର୍ ୮୨୮-୦୧୦-୩୮୭୧ ଥି ଯୋଗାଯୋଗ୍ କରିପାର୍ବେ ବଲି ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ସୁବୋଧ୍ ହୋତା କହିଛନ୍ ।

(ଭଏସ୍ ଓଭର୍- ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ)

ଜିଲ୍ଲାପାଲ୍- ରନ୍ଧାଗେସ୍ ସମୀକ୍ଷା ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲାପାଲ୍ ମଧୁସୂଦନ୍ ଦାସ ଆଏଜ୍ ଜିଲ୍ଲାର୍ ଭିନ୍ ଭିନ୍ ଗେସ୍ ବିତରକ କେନ୍ଦ୍ର ପରିଦର୍ଶନ୍ କରିକରି ରନ୍ଧା ଗେସ୍ର ମହଜୁଦ୍, ଦର୍ଦାମ୍ ବାବ୍ଦେ ଥିତିର୍ ଯାଂଚ୍ କରିଛନ୍ । ଇ ଅବ୍ସରେ ଜିଲ୍ଲାପାଲ୍ ଉପଭୋକ୍ତାମାନ୍କୁ ଠିକ୍ ସମିଆଥି ଆଉ ଠିକ୍ ଦର୍ଥି ରନ୍ଧା ଗେସ୍ ଯୁଗେଇ ଦେବାର୍ ଲାଗି ବିତରକ ମାନ୍କୁ ନିର୍ଦ୍ଦେଶ୍ ଦେଇଛନ୍ ।

ଗାଁ ମୁଣ୍ଡରୁ ସ୍ୱଚ୍ଛତା ଅଭିଯାନ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ଏନ୍ଏସି ତର୍ଫୁ ଆଏଜ୍ 'ଗାଁ ମୁଣ୍ଡରୁ ସ୍ୱଚ୍ଛତା ଅଭିଯାନ୍' ମୁଲ୍ ହେଇଛେ । ଖଡ଼ିଆଲ୍ ଏନ୍ଏସି ନିର୍ବାହୀ ଅଧିକାରୀ ସ୍ୱାଧୀନ୍ କେତନ୍ ମହାରଣାଙ୍କର୍ ନେତୃତ୍ୱଥି ଅଧିକାରୀ ଆଉ କର୍ମଚାରୀମାନେ ଖଡ଼ିଆଲ୍ ମିଶନ୍ ସ୍ୱାସ୍ଥ୍ୟ ପରିସର୍ ଆଉ ଜାତୀୟ ରାଜପଥ ନ ସଫେଇ କରିଛନ୍ ।

ପାଣିପାଗ       ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଦିନର୍ ତାପମାତ୍ରା ବଢ଼୍‌ବାର୍‌ଥି ଲାଗିଛେ । ଆଏବା ୨ ଦିନ୍ ଭିତ୍‌ରେ ରାଜ୍ୟର୍ କେତେଟା ଜିଲ୍ଲା ନ ଗ୍ରୀଷ୍ମପ୍ରବାହ ଜାରି ରହେବା । ଝାର୍‌ସୁଗୁଡ଼ା ଆଉ ସମ୍ବଲ୍‌ପୁର୍ ଜିଲ୍ଲା ନ ଗ୍ରୀଷ୍ମପ୍ରବାହ ଅଏତ୍‌କା ରହେବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।